# Akashvani, Sambalpur

## SAMBALPURI NEWS EVENING BULLETIN

## 7 October 2023- 7.02 pm- 7.12 pm.

*********************************************

### ମୁଖିଆ ଖବର୍

୧- ଏସୀୟ କ୍ରୀଡ଼ାଥି ଶହେଟା ପଦକ୍ ଜିତ୍‌ବାର୍‌ଟା ଭାରତ୍ ଲାଗି ଗୁଟେ ବଡ଼୍ ସଫଳତା- କହେଲେ ପ୍ରଧାନ୍‌ମନ୍ତ୍ରୀ ।

୨- ସ୍ୱତନ୍ତ୍ର ଉନ୍ନୟନ୍ ପରିଷଦ୍ ଲାଗି ଶହେ ୭୫ କୋଟି ୫୦ ଲାଖ୍ ଟଙ୍କାର୍ ଅତିରକ୍ତ ଅନୁଦାନ୍ ମଞ୍ଜୁର୍ କଲେ ମୁଖ୍ୟମନ୍ତ୍ରୀ ।

୩- ସିକ୍କିମ୍ ବନ୍ୟାଥି ଶହୀଦ୍ ହେଇଥିବା ଓଡ଼ିଆ ଜବାନ୍‌ଙ୍କର୍ ଆଏଜ୍ ତାଁକର୍ ପୈତୃକ ଗାଁ ନ ହେବା ଶେଷକୃତ୍ୟ ।

ଆଉର୍

୪- ଭୁବ୍‌ନେଶ୍ୱର୍ ମେଟ୍ରୋ ରେଲ୍ ପ୍ରକଳ୍ପର ପହେଲା ଖେପ୍ ଲାଗି ୫ ହଜାର୍ ୯ ଶହ ୨୯ କୋଟି ଟଙ୍କାର ଖର୍ଚ୍ଚ ପ୍ରସ୍ତାବ୍‌କେ ମୁଖ୍ୟମନ୍ତ୍ରୀ ଦେଲେ ମଞ୍ଜୁରୀ ।

ଏସୀୟ କ୍ରୀଡ଼ା-୨୦୨୩        ଆର୍‌ଏନ୍‌ୟୁ ସମ୍ବଲପୁର୍

ଚୀନ୍‌ର ହାଙ୍ଗ୍‌ଝୌ ସହର୍ ନ ଚାଲିଥିବା ଏସୀୟ କ୍ରୀଡ଼ା-୨୦୨୩ ଭାରତ୍‌ର କ୍ରୀଡ଼ା ଇତିହାସ୍‌କେ ରୋମାଂଚିତ କରିଛେ । ୭୦ ବଛ୍‌ରର୍ ରେକର୍ଡ୍‌କେ ଭାଙ୍ଗିକରି ଆଏଜ୍ ଭାରତ୍ ଇ କ୍ରୀଡ଼ାଥି ଶହେନୁ ଅଏତ୍‌କା ମେଡ଼ାଲ୍ ହାସଲ୍ କର୍‌ବାର୍‌ଥି ସମର୍ଥ ହେଇଛେ ।

ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ ଯେ, ଏସୀୟ କ୍ରୀଡ଼ା ନ ଭାରତ୍ ବଡ଼ ସଫଲତା ହାସଲ୍ କରିଛେ । ଭାରତୀୟ ଖେଲାଲୀମାନେ ଉଲ୍ଲେଖନୀୟ ଶହେ ଟା ପଦକ୍ ଜିତିଥିବାର୍‌ନୁ ଦେଶର୍ ଲୁକେ ଖୁସି ହେଇଛନ୍ । ପ୍ରଧାନ୍‌ମନ୍ତ୍ରୀ ଇ ଐତିହାସିକ୍ ମାଇଲ୍‌ଖୁଂଟ ଲାଗି ଖେଲାଲିମାନ୍‌କୁ ହାର୍ଦ୍ଦିକ୍ ଅଭିନନ୍ଦନ୍ ଜନେଇଛନ୍ । ଆଏବା ୧୦ ତାରିଖ୍ ଦିନ ଏସୀୟ କ୍ରୀଡ଼ାର ଖେଲାଲୀମାନ୍‌କୁ ପ୍ରଧାନ୍‌ମନ୍ତ୍ରୀ ଆତିଥେୟତା ପ୍ରଦାନ୍ କର୍‌ବାର୍ ସହେତେ ସେମାନ୍‌କର୍ ସାଙ୍ଗେ ଆଲୋଚନା କର୍‌ବେ ବଲି ସାମାଜିକ ଗଣମାଧ୍ୟମ୍ ଏକ୍ସଥି ସୂଚ୍‌ନା ଦେଇଛନ୍ ।

ସେନ୍ତା କେନ୍ଦ୍ର କ୍ରୀଡ଼ା ଆଉ ଯୁବ ବ୍ୟାପାର୍ ମନ୍ତ୍ରୀ ଅନୁରାଗ୍ ସିଂ ଠାକୁର୍ ଏସୀୟ କ୍ରୀଡ଼ାର ଖେଲାଲୀମାନ୍‌କୁ ଦେଶ୍‌ବାସୀଙ୍କର୍ ତର୍‌ଫୁ ଅଭିନନ୍ଦନ୍ ଜନେଇଛନ୍ ।

ପ୍ରଧାନ୍‌ମନ୍ତ୍ରୀ-ଗୁରୁତ୍ୱପୂର୍ଣ୍ଣ ବୈଠକ୍         ଆର୍‌ଏନ୍‌ୟୁ ସମ୍ବଲ୍‌ପୁର୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱାଧୀନତା ଦିବସ୍ ଦିନ ଲାଲ୍‌କିଲ୍ଲା ଠାନେ କରିଥିବାର୍ ଘୋଷ୍‌ନାର୍ ଅଗ୍ରଗତି ବାବ୍‌ଦେ ଆଏଜ୍ ଗୁଟେ ଗୁରୁତ୍ୱପୂର୍ଣ୍ଣ ବୈଠକ୍‌ଥି ସମୀକ୍ଷା କରିଛନ୍ । ସ୍ୱାଧୀନତା ଦିବସ୍ ଅଭିଭାଷଣ୍‌ଥି ପ୍ରଧାନ୍‌ମନ୍ତ୍ରୀ ଗରିବ୍ ଆଉ ମଧ୍ୟମ୍ ବର୍ଗର୍ ଲୋକ୍‌ମାନ୍‌କର୍ ଘର୍ ଲାଗି ସୁଲଭ ଋଣ ସୁନିଶ୍ଚିତ୍ କର୍‌ବାର୍ ବାବ୍‌ଦେ ଘୋଷ୍‌ନା କରିଥିଲେ । ଇ ଘୋଷ୍‌ନା ଅନ୍‌ସାରେ କାର୍ଯ୍ୟକାରିତାର୍ ଲାଗି ପ୍ରସ୍ତୁତି ବାବ୍‌ଦେ ସେ ସମୀକ୍ଷା କରିଛନ୍ । ଇତାର୍‌ଛଡ଼ା ପ୍ରଧାନ୍‌ମନ୍ତ୍ରୀ ଘର୍‌ମାନ୍‌କେ ସୌର୍ ଶକ୍ତି ଯୁଗାବାର୍ ବାବ୍‌ଦେ ଭିଲ୍ ତାଁକର୍ ଭାଷଣ୍‌ଥି ଉଲ୍ଲେଖ କରିଥିଲେ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ସମ୍ମାନିତ          ଆର୍‌ଏନ୍‌ୟୁ କଟକ୍

ପୁଣେର ଗୋଖ୍‌ଲେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପଲିଟିକ୍ସ ଏଣ୍ଡ୍ ଇକୋନୋମିକ୍ସ ତର୍‌ଫୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍‌ଙ୍କୁ ସମ୍ମାନିତ କରାଯାଇଛେ । ପ୍ରତିଷ୍ଠାନ୍‌ର ୨୯ ନମ୍ବର୍ ସମାବର୍ତନ୍ ଉତ୍ସବ୍‌ଥି ସମ୍ମାନ୍ ଗ୍ରହଣ୍ କରିକରି ଶ୍ରୀ ପ୍ରଧାନ୍ କହିଛନ୍ ଯେ, ଇ ପ୍ରତିଷ୍ଠାନ୍ ପରୀକ୍ଷଣମୂଳକ୍ ଶିକ୍ଷାର୍ ଗୁଟେ

ପ୍ରମୁଖ କେନ୍ଦ୍ର ଆଏ । ଇନୁ ପାସ୍ କରୁଥିବା ଛାତ୍ରଛାତ୍ରୀମାନେ ବୈଶ୍ୱିକ ଦାୟିତ୍ୱକେ ଗ୍ରହଣ୍ କର୍‌ବାର୍ ଆର୍ ସାମାଜିକ ଆକାଂକ୍ଷା ପୂରଣ୍ କର୍‌ବାର୍‌ଥି ବଳିଷ୍ଠ ନେତୃତ୍ୱ ଗ୍ରହଣ କର୍‌ବେ ବଲି ଶ୍ରୀ ପ୍ରଧାନ୍ ଆଶା କରିଛନ୍ ।

ମୁଖ୍ୟମନ୍ତ୍ରୀ-ଅତିରିକ୍ତ ଅନୁଦାନ        ଆର୍‌ଏନ୍‌ୟୁ କଟକ୍

ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ସ୍ୱତନ୍ତ୍ର ଉନ୍ନୟନ୍ ପରିଷଦ୍ ଲାଗି ଶହେ ୭୫ କୋଟି ୫୦ ଲାଖ୍ ଟଙ୍କାର ଅତିରିକ୍ତ ଅନୁଦାନ୍‌କେ ମଞ୍ଜୁରୀ ଦେଇଛନ୍ । ଆଦିବାସୀମାନ୍‌କର୍ ଭାଷା, କଲା, ସଂସ୍କୃତି ଆଉ ଐତିହ୍ୟର୍ ସଂରକ୍ଷଣ୍ ଲାଗି ଇ ଟଙ୍କା ଖର୍ଚ୍ଚା କରାଯିବା । ଇନ ଜନେଇ ଦିଆଯାଇପାରେ ଯେ, ରାଜ୍ୟ ସର୍‌କାର୍ ୯ ଟା ଜିଲ୍ଲା - କୋରାପୁଟ୍, ମାଲ୍‌କାନ୍‌ଗିରି, ଗଜପତି, ମୟୁର୍‌ଭଞ୍ଜ, ରାୟଗଡ଼ା, କେନ୍ଦୁଝର୍,, ସୁନ୍ଦର୍‌ଗଡ୍, କନ୍ଧମାଲ୍ ଆଉ ନବରଙ୍ଗ୍‌ପୁର୍ ଲାଗି ସ୍ୱତନ୍ତ୍ର ଉନ୍ନୟନ ପରିଷଦ୍ ଗଠନ୍ କରିଛନ୍ ।

ଅମିତ୍ ରୋହିଦାସ-ମୁଖ୍ୟମନ୍ତ୍ରୀ        ଆର୍‌ଏନ୍‌ୟୁ କଟକ୍

ଏସୀୟ କ୍ରୀଡ଼ା -୨୦୨୩ ଥି ଭାରତ୍‌କେ ସ୍ୱର୍ଣ୍ଣପଦକ୍ ଆନ୍‌ବାର୍‌ଥି ମୁଖ୍ୟ ଭୂମିକା ନେଇଥିବା ଓଡ଼ିଶାର୍ ହକି ତାରକା ଅମିତ୍ ରୋହିଦାସ୍‌ଙ୍କୁ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଦେଢ଼୍‌କୋଟି ଟଙ୍କାର୍ ପୁରସ୍କାର୍ ଲାଗି ଘୋଷ୍‌ନା କରିଛନ୍ । ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଅମିତ୍ ହେଉଛନ୍ ଯୁଆନ୍ ପିଲାମାନ୍‌କର୍ ଆଦର୍ଶ । ଖାଲି ଓଡ଼ିଶା ନୁହେଁ, ଭାରତ୍ ବର୍ଷଥି ଆଏବା ପିଢ଼ି ତାଙ୍କୁ ଅନୁକରଣ୍ କର୍‌ବେ । ଅମିତ୍ ରୋହିଦାସ୍ ଇ ମାଟିର ପୁଓ ହିସାବ୍‌ଥି ଭାରତୀୟ ହକିଥି ବହୁତ୍ ନାଁ କରିଛନ୍ ।

ଶହୀଦ୍ ଯବାନ୍ ସରୋଜ୍ ଦାସ ଆର୍‌ଏନ୍‌ୟୁ କଟକ୍

ସିକ୍କିମ୍ ନ ଗଲା ଗୁରୁବାର୍ ଦିନ ବାଦଲ୍‌ଫଟା ବର୍ଷା ଲାଗି ହେଇଥିବା ବନ୍ୟାଥି ଶହୀଦ୍ ହେଇଥିବା ଯବାନ୍ ସରୋଜ୍ ଦାସ୍‌ଙ୍କର୍ ମୃତ ଦେହ ଆଏଜ୍ ଭୁବ୍‌ନେଶ୍ୱର୍ ବିମାନ୍ ବନ୍ଦର୍ ନ ପୁହୁଁଚିବାର୍ ଉତ୍‌ରୁ ତାଙ୍କୁ ରାଷ୍ଟ୍ରୀୟ ମର୍ଯ୍ୟାଦା ପ୍ରଦାନ୍ କରାଯାଇଛେ । ରାଜ୍ୟପାଲ୍ ପ୍ରଫେସର୍ ଗଣେଶୀ ଲାଲ୍ ଆର୍ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଉପସ୍ଥିତ୍ ରହିକରି ବୀର ଯବାନ୍‌ଙ୍କର୍ ଉଦ୍ଦେଶ୍‌ଥି ଶ୍ରଦ୍ଧାଞ୍ଜଳି ଦେଇଥିଲେ । ଶହୀଦ୍ ଯବାନ୍‌ଙ୍କର୍ ମୃତ ଦେହ ତାଁକର୍ ପୈତୃକ ଗାଁ ଢେଙ୍କାନାଲ୍ ଜିଲ୍ଲାର୍ କେନ୍ଦୁଢିପି ନ ପୁହୁଁଚିଛେ । ସେଠାନେ

ଗାଁର୍ ସ୍ମଶାନ୍‌ଥି ରାଷ୍ଟ୍ରୀୟ ମର୍ଯ୍ୟାଦାର୍ ସହେତେ ଆଏଜ୍ ରାତି ଶେଷକୃତ୍ୟ କରାଯିବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଛତୁ କନ୍‌କ୍ଲେଭ୍-୨୦୨୩ ସୂଚନା ଲୋକସମ୍ପର୍କ ବିଭାଗ

କୃଷି କାର୍ଯ୍ୟକ୍ରମ୍‌କେ ବିବିଧିକରଣ୍ କର୍‌ବାର୍ ଦିଗେ ଛତି ଚାଷ୍‌କେ ଅପ୍‌ନାବାର୍ ଦର୍‌କାର୍ ବଲି କୃଷି ଆଉ କୃଷକ୍ ସଶକ୍ତିକରଣ୍ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ୍ ସ୍ୱାଇଁ କହିଛନ୍ । ଆଏଜ୍ ଓଡ଼ିଶା କୃଷି ଆଉ ବୈଷୟିକ ବିଶ୍ୱବିଦ୍ୟାଳୟ ତର୍‌ଫୁ ଭୁବ୍‌ନେଶ୍ୱର୍ ନ ହେଇଥିବା ଛତୁ କନ୍‌କ୍ଲେଭ୍-୨୦୨୩ କେ ଉଦ୍‌ଘାଟନ୍ କରିକରି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ ଯେ, ଛତି ଚାଷ୍ ବାଗିର୍ ଅର୍ଥକରୀ ଫସଲ୍ ଚାଷୀର୍ ଆୟ ବଢ଼ାବାର୍‌ଥି ସାହାଜ୍ କରୁଛେ ।ରାଜ୍ୟ ସର୍‌କାର୍ ଛତି ଚାଷ୍‌କେ ବ୍ୟାପକ୍ କର୍‌ବାର୍ ଲାଗି ଛତୁ ମିଶନ୍ ଆରମ୍ଭ୍ କରିଛନ୍ । ଇଥିର୍‌ଲାଗି ୨୦୨୨-୨୩ ନୁ ୨୬-୨୭ ତକ୍ ୫ ବରସ୍ ଲାଗି ୩ ଶହ ୨୮ କୋଟି ୮୮ ଲାଖ୍ ଟଙ୍କା ବ୍ୟୟବରାଦ୍ କରାଯାଇଛେ ବଲି ମନ୍ତ୍ରୀ କହିଛନ୍ ।

କୋଣ୍ଟିନ୍ ବେଙ୍କ୍ ଆର୍‌ଏନ୍‌ୟୁ ସମ୍ବଲପୁର

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ୍ କୋଶ୍ଚିନ୍ ବେଙ୍କ୍ ବାହାର୍ କରିଛେ । ପରୀକ୍ଷାର୍ଥୀମାନେ ଇ ବେଙ୍କ୍‌ନୁ ପ୍ରଶ୍ନ ନେଇକରି ପରୀକ୍ଷା ପ୍ରସ୍ତୁତି କରିପାର୍‌ବେ । ସିବିଏସ୍‌ଇ ଆଉ ଆଇସିଏସ୍‌ଇ ତର୍‌ଫୁ ଫି ବଛର୍ କୋଶ୍ଚିନ୍ ବେଙ୍କ୍ ଜାରି କରାଯାଏସି । ହେଲେ ଇ ବଛର୍ ପହେଲାଥର୍ ଲାଗି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ୍ ତର୍‌ଫୁ ଯୁକ୍ତ ଦୁଇ ବୋର୍ଡ୍ ପରୀକ୍ଷାର୍ଥୀଙ୍କର୍ ଲାଗି କୋଶ୍ଚିନ୍ ବେଙ୍କ୍ ବାହାର୍ କରାଯାଇଛେ । chseodisha.nic.in ୱେବ୍‌ସାଇଟ୍‌ଥି କୋଶ୍ଚିନ୍ ବେଙ୍କ୍ ମିଲୁଛେ । ପହେଲା ଖେପେ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଗଣିତ ଆର୍ ଜୀବ ବିଜ୍ଞାନ ବିଷୟର ପ୍ରଶ୍ନ ମିଲୁଛେ । ପଛର୍ ଖେପେ ଅଲ୍‌ଗା ବିଷୟର୍ ପ୍ରଶ୍ନ ୱେବ୍‌ସାଇଟ୍‌ଥି ଅପ୍‌ଲୋଡ୍ କରାଯିବା ।

ସମଗ୍ର ଶିକ୍ଷା ଯୋଜ୍‌ନା          ସୂଚନା ଲୋକସମ୍ପର୍କ ବିଭାଗ୍

ସମଗ୍ର ଶିକ୍ଷା ଯୋଜ୍‌ନାଥି ବିଦ୍ୟାଳୟ ସ୍ତରୀୟ ସାମାଜିକ ଅଡିଟ୍ କାର୍ଯ୍ୟକ୍ରମ୍ କାର୍ଯ୍ୟକାରୀ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ପଂଚାୟତିରାଜ୍ ଆଉ ପାନୀୟ ଜଲ ବିଭାଗ୍‌ର ସାମାଜିକ ଅଡିଟ୍ ୟୁନିଟ୍ ସାଙ୍ଗେ ଗୁଟେ ବୁଝାମଣା ପତ୍ର ସ୍ୱାକ୍ଷରିତ୍ ହେଇଛେ । ଶିକ୍ଷାର ନିରନ୍ତର୍ ବିକାଶ୍ ଲକ୍ଷ୍ୟ -

ଅନ୍ତର୍ଭୁକ୍ତିକରଣ୍, ସମାନତା, ଗୁଣାତ୍ମକ ଆଉ ସାମଗ୍ରିକ ବିଦ୍ୟାଲୟ ଶିକ୍ଷା ଦେବାର୍ ଲକ୍ଷ୍ୟ ହାସଲ୍ କର୍ବାର୍ ଉଦ୍ଦେଶ୍ୟ୍ ଇଟା ସାହାଜ୍ କର୍ବା । ଇ ଯୋଜ୍ନାର୍ କାର୍ଯ୍ୟକାରିତାଥି ସ୍ୱଚ୍ଛତା ଆଉ ଉତର୍ଦାୟିତ୍ୱ ବଢ଼ାବାର୍ ଲାଗି ସାମାଜିକ ଅଡିଟ୍ ବ୍ୟବସ୍ଥା ଆରମ୍ଭ୍ ହେଇଛେ । ଇ ସାମାଜିକ ଅଡିଟ୍ ସମଗ୍ର ଶିକ୍ଷାର ମନିଟରିଂ ଆଉ ଟ୍ରାକିଂ ବ୍ୟବସ୍ଥା ଲାଗି ସ୍ୱାଧୀନ୍ ଭାବେ କାମ୍ କର୍ବା ।

ଭୁବ୍ନେଶ୍ୱର୍ ମେଟ୍ରୋ ରେଲ୍ ପ୍ରକଳ୍ପ ଆର୍ଏନ୍ୟୁ ସମ୍ବଲପୁର୍

ଭୁବ୍ନେଶ୍ୱର୍ ମେଟ୍ରୋ ରେଲ୍ ପ୍ରକଳ୍ପର ପହେଲା ଖେପ୍ ତିଆରି ଲାଗି ୫ ହଜାର୍ ୯ ଶହ ୨୯ କୋଟି ଟଙ୍କା ଖର୍ଚ୍ଚା କରାଯିବାର୍ ପ୍ରସ୍ତାବ୍କେ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ମଞ୍ଜୁରୀ ଦେଇଛନ୍ । ମୁଖ୍ୟମନ୍ତ୍ରୀ ଆଏଜ୍ ଇ ରେଲ୍ ପ୍ରକଳ୍ପର୍ ସମୀକ୍ଷା କରିଥିଲେ । ଓଡ଼ିଶା ସର୍କାର୍ଙ୍କର୍ ସମ୍ପୂର୍ଣ୍ଣ ଅନୁଦାନ୍ଥି ମେଟ୍ରୋ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛେ । ପହେଲା ଖେପେ ଭୁବ୍ନେଶ୍ୱର୍ ବିମାନ୍ ବନ୍ଦର୍ନୁ କଟକ୍ର ତ୍ରିଶୂଳିଆ ଛକ୍ ତକ୍ ୨୦ କିଲୋମିଟର୍ ରାସ୍ତା ମେଟ୍ରୋ ରେଲ୍ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବା । ନନ୍ଦନ୍କାନନ, କିଟ୍ ଛକ, ଡ଼ମଣାଛକ, ଜୟଦେବ୍ବିହାର୍, ବାଣୀ ବିହାର୍,

ରାମମନ୍ଦିର, ଭୁବ୍‌ନେଶ୍ୱର୍ ରେଲ୍‌ଷ୍ଟେସନ୍, ବାପୁଜୀ ନଗର୍, ଶିଶୁ ଭବନ ଆର୍ କେପିଟାଲ୍ ହସ୍ପିଟାଲ୍ ଠାନେ ମେଟ୍ରୋ ଷ୍ଟେସନ୍ ରହେବା । ଆଏବା ୨୦୨୪ ମସିହା ଜାନୁଆରୀ ୧ ତାରିଖ୍ ଦିନ ମୁଖ୍ୟମନ୍ତ୍ରୀ ମେଟ୍ରୋ ପ୍ରକଳ୍ପର ଶିଲାନ୍ୟାସ୍ କର୍‌ବେ ।

ରାଜ୍ୟ ସମବାୟ ବେଙ୍କ୍ ଜାତୀୟ ପୁରସ୍କାର/ସୂଚନା ଲୋକସମ୍ପର୍କ ବିଭାଗ

ଓଡ଼ିଶା ରାଜ୍ୟ ସମବାୟ ବେଙ୍କ୍ ଜାତୀୟ ପୁରସ୍କାର୍ ପାଇଛେ । ସାରାଦେଶେ ଥିବା ସମବାୟ ବେଙ୍କ୍ ଭିତ୍‌ରେ ଓଡ଼ିଶା ରାଜ୍ୟ ସମବାୟ ବେଙ୍କ୍ ଉତମ୍ ସେବା ଆଉ ପ୍ରଦର୍ଶନ୍ ଲାଗି ୩ ନମ୍ବର୍ ପୁରସ୍କାର୍ ପାଇଛେ । ଜାତୀୟ ରାଜ୍ୟ ସମବାୟ ବେଙ୍କ୍ ମହାସଂଘ ତର୍‌ଫୁ ରାଜସ୍ଥାନ୍ ନ ହେଇଥିବା ବାର୍ଷିକ୍ ଅଧିବେଶନ୍‌ଥି ୨୦୨୦-୨୧ ଆଉ ୨୧-୨୨ ଲାଗି ଓଡ଼ିଶାକେ ଇ ପୁରସ୍କାର୍ ଦିଆଯାଇଛେ । ଓଡ଼ିଶା ରାଜ୍ୟ ସମବାୟ ବେଙ୍କ ସଭାପତି ଟି. ପ୍ରସାଦ୍ ରାଓଦୋରା ଆଉ ନିର୍ଦ୍ଦେଶକ ଅମ୍ବିକା ପ୍ରସାଦ୍ ଦାସ ଇ ପୁରସ୍କାର୍ ଗ୍ରହଣ୍ କରିଥିଲେ ।

ଜାତୀୟ ସମ୍ମାନ - ଜିଏମ୍‌ୟୁ          ଆର୍‌ଏନ୍‌ୟୁ ସମ୍ବଲପୁର୍

ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟର୍ ଇତିହାସ୍ ବିଭାଗ୍ ତର୍ଫୁ ଆଏଜ୍ ୨ ଦିନିଆ ଜାତୀୟ ସମ୍ମାନ ମୁଲ୍ ହେଇଛେ । ବିଶ୍ୱବିଦ୍ୟାଳୟର୍ କୁଳପତି ପ୍ରଫେସର୍ ଏନ୍ . ନାଗାରାଜୁଙ୍କର୍ ସଭାପତିତ୍ୱଥି ହେଇଥିବା ଉଦ୍‌ଘାଟନୀ ଉତ୍ସବ୍‌ଥି ପ୍ରଫେସର୍ ଅଖିଳ ବିହାରୀ ଓତା, ଦାସ୍ ବେନ୍‌ହୁର, ଆଇସିଏଚ୍ ଆର୍. ର ପ୍ରଫେସର୍ ହରିହର ପଣ୍ଡା, ପିଜି କାଉନ୍‌ସିଲ୍ ଅଧ୍ୟକ୍ଷ ସୁଶାନ୍ତ କୁମାର୍ ଦାସ, ଉପକୁଳ ସଚିବ ଉମାଚରଣ୍ ପତି ଆଉ ଇତିହାସ୍ ବିଭାଗ୍ ମୁଖ୍ୟ ଅତୁଲ୍ କୁମାର୍ ପ୍ରଧାନ୍ ଯୋଗ୍ ଦେଇକରି ଇତିହାସ୍, ସାମାଜିକ ବିଜ୍ଞାନ୍ ଆର୍ ସାହିତ୍ୟର ମୂଳ ପ୍ରାଣ ଆଏ ବଲି କହିଥିଲେ ।

ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟକର୍ମଶାଳା/ଆର୍‌ଏନ୍‌ୟୁ ସମ୍ବଲପୁର

ଭାରତ୍ ସର୍‌କାର୍‌ଙ୍କର୍ ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର୍ କେନ୍ଦ୍ରୀୟ ସଂଚାର୍ ବ୍ୟୁରୋ ବାଲେଶ୍ୱର୍ ଶାଖା ତର୍ଫୁ ‘୯ ବଛ୍‌ରର୍ ସେବା, ସୁଶାସନ୍, ଗରିବ୍ କଲ୍ୟାଣ୍ ଆଉ ମିଶନ୍

ଲାଇଫ୍' ବାବଦ୍ କର୍ମଶାଳା ଭଦ୍ରକ୍ ଜିଲ୍ଲା ଧାମ୍‌ନଗର୍ ବ୍ଲକ୍‌ର ଧୁଷୁରି ପଂଚାୟତ୍ ନ ହେଇଯାଇଛେ । ଇ କର୍ମଶାଳାକେ ବିଧାୟକ୍ ସୁରଜ୍ ସୂର୍ଯ୍ୟବଂଶୀ ଉଦ୍‌ଘାଟନ୍ କରିଥିଲେ । ଇତାର୍‌ଛଡ଼ା ଗୁଟେ ୨ ଦିନିଆ ଫଟୋଚିତ୍ର ପ୍ରଦର୍ଶନୀ ଭିଲ୍ ଆୟୋଜିତ୍ ହେଇଛେ । ଇ କାର୍ଯ୍ୟକ୍ରମ୍‌କେ କ୍ଷେତ୍ରପ୍ରଚାର୍ ଅଧିକାରୀ ନିର୍ମାଲ୍ୟ ବେହେରା ପରିଚାଲନା କରିଥିଲେ ।

ବନ୍ୟପ୍ରାଣୀ ସପ୍ତାହ        ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲାର୍ ଜଙ୍ଗଲ୍ ବିଭାଗ୍ ତର୍‌ଫୁ ବନ୍ୟପ୍ରାଣୀ ସପ୍ତାହ ପାଳିତ୍ ହେଇଯାଇଛେ । ବନଖଣ୍ଡ ଅଧିକାରୀ ମଦନ୍ ଲାଲ୍ ଶର୍ମାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଗୁଟେ କାର୍ଯ୍ୟକ୍ରମ୍‌ଥି ଜଙ୍ଗଲ୍ ବିଭାଗ୍‌ର ଅଧିକାରୀ, କ୍ଷେତ୍ର କର୍ମଚାରୀଙ୍କର୍ ସହେତେ ଜିଲ୍ଲାର୍ ବନ ସୁରକ୍ଷା ସମିତିର୍ କର୍ମକର୍ତାମାନେ ଯୋଗ୍ ଦେଇଥିଲେ ।

ଦେବ୍‌ଗଡ଼୍ ପ୍ରଶିକ୍ଷଣ୍ ଶିବିର      ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ୍ ଜିଲ୍ଲା ତିଲେଇବଣି ବ୍ଲକ ଆଇସିଡିଏସ୍ ସମ୍ମିଲନୀ କକ୍ଷ ନ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ୍ ଆଉ ଆକ୍ସନ୍ ଏଡ୍‌ର ମିଲିତ ସହଯୋଗ୍‌ଥି ଅଙ୍ଗନବାଡ଼ି କର୍ମୀ ଆର୍ ସିଡ଼ିପିଓ ମାନ୍‌କୁ ନେଇକରି ବାଲ୍ୟ ବିବାହ ଆଉ ଶିଶୁ ସୁରକ୍ଷା ବାବ୍‌ଦେ ଗୁଟେ ପ୍ରଶିକ୍ଷଣ୍ ଶିବିର ହେଇଯାଇଛେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କର୍ ସଭାପତିତ୍ୱ ଥି ହେଇଥିବା ଇ କାର୍ଯ୍ୟକ୍ରମ୍‌ଥି ବାଲ୍ୟ ବିବାହ ରୋକ୍‌ବାର୍, ଛୁଆମାନ୍‌କର୍ ଉପ୍‌ରେ ହେଉଥିବା ଅମାନବୀୟ କାମ୍ କେନ୍ତା ହଟାଯାଇପାର୍‌ବା ସେ ବାବ୍‌ଦେ ଆଲୋଚନା କରାଯାଇଥିଲା ।

ସାଇବର୍ ସେଫ୍ଟି କେମ୍ପେନ୍ କାର୍ଯ୍ୟକ୍ରମ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ପୁଲିସ୍ ତର୍‌ଫୁ ମନମୁଣ୍ଡା ଆଉ ଦହିଆ ନ ଆଏଜ୍ ସାଇବର୍ ସଚେତନତା ଅଭିଯାନ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍‌ସରେ ମନମୁଣ୍ଡା ସର୍‌କାରୀ ହାଇସ୍କୁଲ୍ ଆଉ ଦହିଆ ଜୀବନ୍ ବିକାଶ୍ କଲେଜ୍ ନ ପଥପ୍ରାନ୍ତ ନାଟକ୍ ସହେତେ ଲୋକ୍‌ମାନ୍‌କୁ ସାଇବର୍ ଅପରାଧ୍‌ନୁ ସୁରକ୍ଷା ବାବ୍‌ଦେ ସଚେତନ୍ କରାଯାଇଛେ ।

ସାଇବର୍ ସୁରକ୍ଷା ସଚେତନ ଅଭିଯାନ    ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା କୋମ୍ନାର ଉଚ୍ଚମାଧ୍ୟମିକ୍ ବିଦ୍ୟାଳୟ ନ ସାଇବର୍ ସୁରକ୍ଷା ସଚେତନତା ଅଭିଯାନ୍ ହେଇଯାଇଛେ । ଇ ଅବ୍ସରେ ହେଇଥିବା ଗୁଟେ ସଭାଥି ଅଧ୍ୟକ୍ଷ ଶେଷ୍ଦେବ ନାଏକ୍, କୋମ୍ନା ଥାନା ଅଧିକାରୀ ଟଙ୍କଗିରୀ ଭୋଇ ପ୍ରମୁଖ ଯୋଗ୍ ଦେଇକରି ନିଜେ ସୁରକ୍ଷିତ୍ ରହିକରି ସାଇବର୍ ଅପରାଧ୍ ବାବ୍ଦେ ସଚେତନ୍ ହେବାର୍ ଲାଗି ପରାମର୍ଶ ଦେଇଥିଲେ ।